Click Here & Upgrade
Expanded Features
Unlimited Pages
PDF Complete

ଓଡ଼ିଶାରେ ଶକ୍ତି ପୂଜାର ପରମ୍ପରା

ଡକ୍ଟର ତ୍ରିନାଥ ପଟ୍ଟନାୟକ

ଶକ୍ତି ଆବାହନ ଓ ଆରାଧନା ଦେଶ ତଥା ଜାତିର ମୂଳଲକ୍ଷ୍ୟ ଓ ପରାକାଷ୍ଠା ହେବା ଉଚିତ । ଶକ୍ତି = ଶକ୍+ତି । ଶକ୍ ଧାତୁରୁ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଥାଏ । ଶକ୍ ଧାତୁ ସମର୍ଥ ସୂଚକ ଅର୍ଥରେ ବ୍ୟବହୃତ ହୁଏ । ପୁନଶ୍ଚ 'ଶକ୍' ଶବ୍ଦ ଐଶ୍ୱର୍ଯ୍ୟ ଏବଂ 'ତି' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନାରେ ସମର୍ଥ ତଥା ପରାକ୍ରମ ଥିବା ବସ୍ତୁର ନାମ ଯଥାର୍ଥରେ ଶକ୍ତି ।

ଶକ୍ତି ଉପାସନାର ପରମ୍ପରା ଆମ ଦେଶରେ ସ୍ମରଣାତୀତ କାଳରୁ ଚଳି ଆସୁଛି । ଆମ ସଭ୍ୟତା ଯେତିକି ପୁରୁଣା, ଶକ୍ତି ଉପାସନା ମଧ୍ୟ ସେତିକି ପ୍ରାଚୀନ । ଏହାର ନିର୍ଦ୍ଦିଷ୍ଟ ସମୟ ନିରୂପଣ କରିବା ଅତୀବ କଠିନ । ପ୍ରକାଶ୍ୟମାନ ଜୀବ ଓ ଜଡ଼ଜଗତର ପ୍ରତ୍ୟକ୍ଷ ଓ ପରୋକ୍ଷ ବିକାଶର ମୂଳ ଉତ୍ସ ହେଉଛି ଶକ୍ତି । 'ଶକ୍ତି'ର ପ୍ରକାଶ୍ୟମାନ ଅବସ୍ଥା ହିଁ ସୃଷ୍ଟି ।

ଭାରତର ୫୧ଟି ଶକ୍ତି ପୀଠ ମଧ୍ୟରେ ଉତ୍କଳ ଅନ୍ୟତମ ଶକ୍ତି ପୀଠ । ପୁରାଣ ମତରେ ଦକ୍ଷ ପ୍ରଜାପତିଙ୍କ ଅନୁଷ୍ଠିତ ଯଜ୍ଞ ସ୍ଥଳରେ ଦେବୀ ସତୀ ଅପମାନିତା ହୋଇ ଦେହ ତ୍ୟାଗ କରିଥିଲେ । ରୁଦ୍ର କ୍ରୋଧିତ ହୋଇ ଦେବୀଙ୍କ ଶବକୁ ସ୍କନ୍ଧ ଦେଶରେ ବହନ କରି ସର୍ବତ୍ର ଭ୍ରମଣ କରିବାକୁ ଲାଗିଲେ । ଫଳରେ ସୃଷ୍ଟି ଅସ୍ଥିର ହେବାକୁ ଲାଗିଲା । ବିଶ୍ୱଶାନ୍ତି ପାଇଁ ବିଷ୍ଣୁ ଚକ୍ର ଦ୍ୱାରା ଦେବୀଙ୍କ ଶବକୁ ୫୧ ଖଣ୍ଡରେ ବିଭକ୍ତ କରି ବିଭିନ୍ନ ସ୍ଥାନରେ ନିକ୍ଷେପ କରିଥିଲେ । ଦେବୀଙ୍କ ଦେହାଂଶରୁ ଗୋଟିଏ ଗୋଟିଏ ଶକ୍ତି ପୀଠ ଉତ୍ପନ୍ନ ହୋଇଥିଲା । ଦେବୀଙ୍କ ନାଭି ଦେଶ ଉତ୍କଳ କ୍ଷେତ୍ରରେ ପଡ଼ିଥିଲା । ଦେବୀ ବିମଳା ହେଉଛନ୍ତି ଭୈରବୀ ଓ ଶ୍ରୀଜଗନ୍ନାଥ ହେଉଛନ୍ତି ଭୈରବ ।

ମହାଭାରତରେ ବର୍ଣ୍ଣିତ ଅଛି ପାଣ୍ଡବମାନେ ଲୋମଶ ଋଷିଙ୍କ ସହିତ ଉତ୍କଳକୁ ଆସି ପ୍ରାଚୀନ ଶକ୍ତିପୀଠ ଯାଜପୁରଠାରେ ପହଞ୍ଚିଥିଲେ । ଏହା ବ୍ୟତୀତ ଓଡ଼ିଶାରେ ଆଦିବାସୀମାନେ ମଧ୍ୟ ସ୍ତମ୍ଭ ସ୍ଥାପନ କରି ସ୍ତମ୍ଭେଶ୍ୱରୀ, ଖମ୍ଭେଶ୍ୱରୀ ରୂପେ ଶକ୍ତି ଆରାଧନା କରୁଥିଲେ । ଖମ୍ଭେଶ୍ୱରୀ ଏବେ ମଧ୍ୟ ଆସିକା ଓ ସୋନପୁରଠାରେ ପୂଜା ପାଉଛନ୍ତି । ସ୍ତମ୍ଭେଶ୍ୱରୀ କାଳକ୍ରମେ ପରବର୍ତ୍ତୀ ସମୟରେ 'ସୁଭଦ୍ରା'ରେ ରୂପାନ୍ତରିତ ହୋଇଅଛନ୍ତି । ଓଡ଼ିଶାର ଭୌମ ଶାସକମାନଙ୍କର ସମୟରେ ଶକ୍ତିପୂଜା ଓ ତନ୍ତ୍ରର ପୁଷ୍କଳ ସାଧନ ହୋଇଥିଲା । ଏହା ପଞ୍ଚମ ଓ ଷଷ୍ଠ ଶତାବ୍ଦୀର କଥା । ଭୌମ ଯୁଗ ପରେ ସୋମ ଓ ଗଙ୍ଗବଂଶୀ ରାଜାମାନେ ମଧ୍ୟ ଶକ୍ତି ଆରାଧନା ପ୍ରତି ଗୁରୁତ୍ୱ ପ୍ରଦାନ କରିଥିଲେ । ଝଙ୍କଡ଼ରେ ଥିବା ଉତ୍କଳ ଭାରତୀ ଦେବୀ ଶାରଳାଙ୍କର ସ୍ଥାପନ ଅଷ୍ଟମ ଶତାବ୍ଦୀ ସମୟର । ଦେବୀ ଉପାସକ ଦୁର୍ଗା ଉପାସନା କରି ନିଜକୁ ଦୁର୍ଗା ପୁତ୍ର ରୂପେ ପରିଚିତ କରାଇଥିଲେ ।

ଏହା ଖ୍ରୀ:ଅ: ୧୪୩୫-୧୪୬୭ର କଥା । ତାଙ୍କ ପୁତ୍ର ଗଜପତି ପୁରୁଷୋତ୍ତମ ଦେବ (ଖ୍ରୀ:ଅ: ୧୪୬୭-୧୪୯୭) ମଧ୍ୟ ଜଣେ ଦୁର୍ଗା ଉପାସକ ଥିଲେ । ପଞ୍ଚଦଶ ଶତାବ୍ଦୀର କବି ସାରଳା ଦାସ ଦେବୀ ଶାରଳାଙ୍କ କୃପାବଳରେ ମହାଭାରତ ରଚନା କରିଥିଲେ ଓ ଦୁର୍ଗାପୂଜାର ପ୍ରଥମ ସୂଚନା ଦେଇଛନ୍ତି । ତାଙ୍କ ରଚିତ ଚଣ୍ଡୀ ପୁରାଣ ସେହି ସମୟରେ ରଚିତ ହୋଇ ଓଡ଼ିଶାରେ ଶକ୍ତି ପରମ୍ପରାର ପ୍ରଚାର ପ୍ରସାର ଘଟାଇଥିଲା । ଓଡ଼ିଶାର ଆଠଗୋଟି ସ୍ଥାନରେ ଚଣ୍ଡୀଙ୍କର ପ୍ରଧାନ ବିଗ୍ରହମାନ ଅଛି ।

ବାଣପୁରେ ଭଗବତୀ, ଶ୍ରୀକ୍ଷେତ୍ରେ, ବିମଳା,
କାକଟପୁରେ ରହିଲୁ ନାମଟୋ ମଙ୍ଗଳା ।
ଝଙ୍କଡ଼େ ଶାରଳା ନାମ ଅଟଇ ତୋହର,
ବିରଜାଇ ନାମେ ବିଜେ କଲୁ ଯାଜପୁର ।
ବାଙ୍କୀରେ ନାମ ତୋହର ଅଟେ ଚର୍ଚ୍ଚିକାଇ,
ସମ୍ବଲପୁରେ ନାମ ବହିଲୁ ସମଲାଇ ।
ତାଳଚେରରେ ହିଙ୍ଗୁଳା ନାମ ତୋର ମାଆ,
ଏହିପରି ଉତ୍କଳରେ ଶକ୍ତି ଆଠ ନାଆଁ ॥

ସାରଳା ଦାସ 'ଚଣ୍ଡୀ ପୁରାଣ'ରେ ଅଷ୍ଟଚଣ୍ଡୀଙ୍କର ନାମ ନିମ୍ନମତେ ଦେଇଛନ୍ତି -

ଝଙ୍କଡ଼େ ରହିଲୁ ମାଗୋ ଶାରଳା ନାମ ବହି,
କାକଟପୁରେ ରହିଲୁ ମାଗୋ ମଙ୍ଗଳା ବୋଲାଇ ।
କୋଣାରକେ ରହିଲୁ ମାଗୋ ଅଭୟା ରାମଚଣ୍ଡୀ
ପୁରୁଷୋତ୍ତମେ ରହିଲୁ ବିମଳା ବୋଲାଇ
ବାଙ୍କୀରେ ରହିଲୁ ମାଗୋ ଚର୍ଚ୍ଚିକା ନାମ ବହି ।

Click Here & Upgrade
Expanded Features
Unlimited Pages
PDF Complete Documents

ଯାଜପୁରେ ରହିଲୁ ବିରଜା କାକଟପୁରେ ମଙ୍ଗଳା,
ପଶ୍ଚିମ ଦିଗେ ରହିଲୁ ବୋଲାଇ ହିଙ୍ଗୁଳା ।
ଭୁବନେଶ୍ୱରରେ ରହିଲୁ ନାମ ତୋ ଗଉରୀ ।।

ଅର୍ଥାତ୍, ଝଙ୍କଡ଼ରେ ଶାରଳା, କାକଟପୁରରେ ମଙ୍ଗଳା, କୋଣାର୍କରେ ରାମଚଣ୍ଡୀ, ପୁରୀରେ ବିମଳା, ବାଙ୍କୀରେ ଚର୍ଚ୍ଚିକା, ଯାଜପୁରରେ ବିରଜା, ପଶ୍ଚିମ (ତାଳଚେର)ରେ ହିଙ୍ଗୁଳା ଓ ଭୁବନେଶ୍ୱରରେ ଗୌରୀ ହେଉଛନ୍ତି ଅଷ୍ଟ ତନ୍ତ୍ରପୀଠର ଅଷ୍ଟ ଦେବୀ ।

ଏହାବ୍ୟତୀତ ଓଡ଼ିଶାର ବିଶିଷ୍ଟ ଶକ୍ତି ପୀଠ ରୂପେ ଗଞ୍ଜାମ (ପୁରୁଷୋତ୍ତମପୁର)ର ତାରାତାରିଣୀ, କଟକର ଚଣ୍ଡୀ, କେନ୍ଦୁଝର (ଘଟଗାଁ)ର ତାରିଣୀ, ଖୋର୍ଦ୍ଧାର ବରୁଣେଇ, ଭଦ୍ରକର ଭଦ୍ରକାଳୀ, ଉଗ୍ରତାରିକା, ଖଲିକୋଟର ନାରାୟଣୀ, ଚିଲିକାର କାଳିଜାଇ, ନୟାଗଡ଼ର ଦକ୍ଷିଣକାଳୀ ପ୍ରଭୃତି ବିଖ୍ୟାତ ଅଟେ । ଓଡ଼ିଶାର ଗାଁଗହଳିରେ ବିଭିନ୍ନ ଶକ୍ତି ପୀଠ ଦେଖିବାକୁ ମିଳେ । ଅଧିକାଂଶ ରାଜା ଜମିଦାର ଶକ୍ତି ଉପାସକ ଥିବା ଯୋଗୁଁ ସେମାନେ ବିଭିନ୍ନ ସ୍ଥାନରେ ଶକ୍ତିଙ୍କୁ ବିଭିନ୍ନ ନାମରେ ଆରାଧନା କରିଯାଇଛନ୍ତି ।

ପଞ୍ଚସଖା ଯୁଗର ଭକ୍ତକବି ବଳରାମ ଦାସ 'ବଟ ଅବକାଶ' ପୁସ୍ତକରେ କେତେ ଦେବୀଙ୍କର ନାମ ଉଲ୍ଲେଖ କରିଛନ୍ତି । ସେ ଦେବୀମାନେ ବିଭିନ୍ନ ଶକ୍ତି ପୀଠର ଅଧିକାରିଣୀ । ସେମାନେ ହେଲେ - ଶାକମ୍ଭରୀ, ଦୁର୍ଗେଶ୍ୱରୀ, କାଳୀ, ରାମଚଣ୍ଡୀ, କୋଠେଶ୍ୱରୀ, ଭଗବତୀ, ବାସେଳୀ, ହାଡ଼ିଯାଇ, କୋଟମ ଚଣ୍ଡୀ, ବ୍ରାହ୍ମଣୀ, ସାବିତ୍ରୀ, ସାରଙ୍ଗାଚଣ୍ଡୀ, ଅପରାଜିତା, ପିଙ୍ଗଳା, ସରକାମା, ମାରକାମା, ହିଙ୍ଗୁଳା, କଳାବତୀ, କାଳିକା, ପାଟେଳୀ, କଳାଶୁଣୀ, ଚର୍ଚ୍ଚିକା, ଛାୟାମାୟା, ବିଜୟା, ଚଣ୍ଡଘଣ୍ଟା, କାଳଘଣ୍ଟା, କାଳମୁଖୀ, ତୃତିଖଇ, ହେମରାଣ୍ଡି, ସର୍ପମୁଖୀ, ଜାଗୁଳାଇ, ହାଡ଼ବାଇ, ସମଲାଇ, ମଙ୍ଗଳା, କରୁଣାଇ, ବରୁଣାଇ, ତାରାଶୁଣୀ, ତାରେଣୀ, ବାରେଣୀ, ମାରେଣୀ, ସପନଚେଟୀ ଓ କନକେଶ୍ୱରୀ ପ୍ରଭୃତି । ଏହାବ୍ୟତୀତ ଚଉଷଠି ଯୋଗିନୀ, କାତ୍ୟାୟିନୀ, ସପ୍ତମାତୃକା, ବିମଳା ଏବଂ ବିରଜାଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି ।

ଓଡ଼ିଶାର ଅଧିକାଂଶ ରାଜାଙ୍କର କୁଳଧର୍ମ ବୈଷ୍ଣବ, ଗୌଡ଼ିୟ କିମ୍ବା ବିଶିଷ୍ଟାଦ୍ୱୈତ ହେଲେ ସୁଦ୍ଧା ଇଷ୍ଟ ଦେବୀ ରୂପେ କୌଣସି ନା କୌଣସି ଶକ୍ତିକୁ ଗ୍ରହଣ କରିଥିଲେ । ଯଥା-

ରାଜବଂଶ	**ଇଷ୍ଟଦେବୀ**
ଖଲିକୋଟ	ବାହୁତି
ଘୁମୁସର	ବ୍ୟାଘ୍ରଦେବୀ ବା ବାକ୍ ଦେବୀ
ଧରାକୋଟ	କୁଠାରୀ
ବଡ଼ଖେମୁଣ୍ଡୀ	ମାଣିକେଶ୍ୱରୀ
ପାରଳାଖେମୁଣ୍ଡୀ	ମାଣିକେଶ୍ୱରୀ
ଆଠଗଡ଼	ଭାରମୁଣ୍ଡୀ
ମହୁରୀ	କାଳୁଆ
ବରଗଡ଼	ବାରାହୀ
ସୁରଙ୍ଗୀ	କୁରେଇସୁଣୀ
ଜଳନ୍ତର	ନିମେଇସୁଣୀ
ମଞ୍ଜୁଷା	ଖିଲମଣ୍ଡା
ବରଡ଼ା	ପୁଲକେଶ୍ୱରୀ
ଚିକିଟି	କନକଦୁର୍ଗା
ତରଳା	ଅଲ୍ଲାଦେବୀ
ଟିକିଲି	କନକଦୁର୍ଗା ଓ ଭାରମୁଣ୍ଡି
ସୋନପୁର	ଭଗବତୀ
ସମ୍ବଲପୁର	ସମଲେଶ୍ୱରୀ
ପାଟଣା	ପାଟଣେଶ୍ୱରୀ
କଳାହାଣ୍ଡି	ମାଣିକେଶ୍ୱରୀ, ଶୀତଳା
ନୟାଗଡ଼	ବାଉତି, ବାଉରାଣୀ

ପଶ୍ଚିମ ଓଡ଼ିଶାରେ ଗ୍ରାମେ ଗ୍ରାମେ ଶକ୍ତି ଆରାଧନା କରାଯାଏ । ସମଲେଇ ବା ସମଲେଶ୍ୱରୀ ମୁଖ୍ୟ ଦେବୀ । ଏହା ବ୍ୟତୀତ ପାଟଣେଶ୍ୱରୀ, କଇଁଲେଇ ବା କୋଲକେଶ୍ୱରୀ, ମାଣିକେଶ୍ୱରୀ, ସୁରେଶ୍ୱରୀ, ମାହେଶ୍ୱରୀ, ରାମଚଣ୍ଡୀ, ପିତାବଲୀ, ମାଉଲୀ, ଘଁସିଏନ, ଦୂରସେନୀ, ଗମକେଇ, ଗଙ୍ଗାଦେଇ, କମଗେଇ । ପଶ୍ଚିମ ଓଡ଼ିଶାର ସର୍ବପ୍ରାଚୀନ ଦେବୀ ହେଉଛନ୍ତି ସ୍ତମ୍ଭେଶ୍ୱରୀ ବା ଖମ୍ଭେଶ୍ୱରୀ (ଖ୍ରୀ:ଅ: ୫ମ) ।

ଓଡ଼ିଶା ଶକ୍ତି ସାଧନାର ପ୍ରକୃଷ୍ଟ କ୍ଷେତ୍ର ଥିଲା ଦକ୍ଷିଣ କୋଶଳ ବା ପାଟଣାଗଡ଼ । ଏହାକୁ କୁଆଁରୀ ପାଟଣା ବୋଲି କୁହାଯାଉଥିଲା । ନିମ୍ନଜାତିର ସାତଜଣ ଶକ୍ତି କୁମାରୀ ସାଧିକା ଏଠାରେ ବାସ କରୁଥିଲେ । ସେମାନେ ତନ୍ତ୍ର ବିଦ୍ୟାରେ ପାରଙ୍ଗମା ଥିଲେ । ସେମାନଙ୍କର ଗୁରୁଥିଲେ, ତନ୍ତ୍ର ବିଶାରଦ ବ୍ରାହ୍ମଣ ବଂଶୀୟ ଧନ୍ୱନ୍ତରୀ । ଉକ୍ତ ସାତ ଜଣ କୁମାରୀ ସାଧିକା ହେଲେ - ଜ୍ଞାନଦେଇ ମାଲୁଣୀ, ନିତେଇ ଧୋବଣୀ, ଲୁହୁକୁଟି ଲୁହୁରାଣୀ, ସୁକୁଟି ଚମାରୁଣୀ, ପତର ସଉରୁଣୀ, ଗାଙ୍ଗୀ ଗଉଡୁଣୀ ଏବଂ ଶୁଆ ତେଲୁଣୀ ।

ଓଡ଼ିଶାରେ ଏମିତି ଗାଁ ନାହିଁ ଯେଉଁଠି ଠାକୁରାଣୀ ବା ଗ୍ରାମଦେବୀଙ୍କର ପୂଜା କରାନଯାଉଛି । ଜଗନ୍ନାଥ ଦାସଙ୍କ ଭାଗବତରେ ଉଲ୍ଲେଖ ଅଛି, ଯେ ଭଗବାନ ଦୁର୍ଗାଙ୍କୁ ନିର୍ଦ୍ଦେଶ ଦେଲେ, ତୁମେ ଯାଇ ଦେବକୀଙ୍କ ସପ୍ତମ ଗର୍ଭରେ ବାଳକକୁ ରୋହିଣୀଙ୍କ ଗର୍ଭରେ ରଖି ନିଜେ ଯଶୋଦାଙ୍କ ଗର୍ଭରେ ଆଶ୍ରୟ ନିଅ । ଦୁର୍ଗା ଆଦେଶ ମାନିଥିବା ଯୋଗୁଁ ବିଷ୍ଣୁ ଖୁସି ହୋଇ କହିଥିଲେ -

'ଲୋକେ କରିବେ ତୋତେ ପୂଜା,
ଅନେକ ଦେବେ ବଳିଭୂଜା ।
ଭକ୍ତକୁ ହୋଇବୁ ପ୍ରସନ୍ନ
ଅନେକ ହେବ ତୋର ନାମ ।
ଜୟ ବିଜୟା ଭଦ୍ରକାଳୀ,
ମଙ୍ଗଳା ଚଞ୍ଚଳା କଙ୍କାଳୀ ।

Click Here & Upgrade
Expanded Features
Unlimited Pages
PDF Complete

ଦୁର୍ଗା ଅମ୍ବିକା ନାରାୟଣୀ,
ଏକୁ ଆରେକ ନାମ ଭଣି ।
ଗ୍ରାମ ଗ୍ରାମରେ କରି ସ୍ଥାନ,
ପୂଜନ୍ତେ ହୋଇବୁ ପ୍ରସନ୍ନ ।
ପୂଜା କରିବେ ନାନା ମତେ,
ଅନେକ ନାମ ତୋ ଜଗତେ ।'

କବି ସାରଳା ଦାସ ଚଣ୍ଡୀ ପୁରାଣ ଓ ମହାଭାରତରେ ଓଡ଼ିଶାର ପୁରପଲ୍ଲୀରେ ପୂଜା ପାଉଥିବା ଦେବୀମାନଙ୍କର ନାମ ଉଲ୍ଲେଖ କରିଛନ୍ତି । ଏ ଦେବୀମାନେ ବଳି ଖାଆନ୍ତି ଓ ଅଧିକାଂଶ ଦେବୀ ବର୍ଷକରେ ଥରେ ମାତ୍ର ପୂଜା ପାଇଥାନ୍ତି । ଏହି ଦେବୀମାନଙ୍କୁ ପ୍ରାୟତଃ ନିମ୍ନଜାତିର ସ୍ତ୍ରୀଲୋକମାନେ ପୂଜା କରିଥାନ୍ତି । ସମସ୍ତେ ବିରୂପା । ଦୁର୍ଗା ମହିଷାସୁର ଯୁଦ୍ଧରେ ଏମାନେ ମହିଷାସୁର ଦ୍ୱାରା ଛିଆଡ଼ି ହୋଇ ଗ୍ରାମେ ଗ୍ରାମେ ପଡ଼ିଥିଲେ ।

ଗ୍ରାମେ ପର୍ବତେ ବନରେ ପଡ଼ିଲେ ଯେ ସ୍ଥାନେ,
ଉଠି ନପାରିଲେ ବ୍ୟଥା ପାଇ ଦେବୀମାନେ ।
ଛୋଟି କାଣୀ କୁବୁଜା କେ ହୋଇଲା ଯେ କେମ୍ପା,
ହିୟା ପଞ୍ଜରା ଭାଙ୍ଗତେ ହୋଇଲେ ବିରୂପା ।
ଯେ ଯହିଁ ପଡ଼ିଲେ ସେହି ରହିଲେ ସେଠାଇଁ,
ଦୁର୍ଗାଦେବୀ ବୋଇଲେ କି ତାକେଶ୍ୱରୀ ଭାଇ ।
ଦେବୀ ପଡ଼ିଲେ ଲୋ କାହିଁ ଛିଆଡ଼ି ଯେ ହୋଇ,
ସିଦ୍ଧ ରୂପେ ପୂଜା ପାଉଥାନ୍ତୁ ସେହିଠାଇଁ ।
ପାଷାଣ ହୋଇ ତାଙ୍କର ବାକ୍ୟ ସିଦ୍ଧ ହେଉ ।

ସେହିସବୁ ଦେବୀ ହେଲେ - ଅମ୍ବିକା, ବଉଳାଇ, ଶାନ୍ତି, କାନ୍ତି, ମାଧବୀ, ଧାୟୀ, ରୁଖାଇ, ରଖାଇ, ଅବତାରିକା, ପିଙ୍ଗଳାଇ, ସଜାଇ, ବିଦାୟୀ, କାପରାଇ, ତନାଇ, ଧମନ୍ତୀ, ସୁମନ୍ତୀ, ଅନନ୍ତାୟୀ, ବିଜୟା, କାଳନ୍ଦୀ, ତୁଳସୀ, ଅଭୟା, ଡାକିନୀ, ଚାମୁଣ୍ଡା, ତ୍ରିପୁରା, କୁଠାରୀ, ଗୋଲକମା, ମାରକମା, ବେତାଳୀ, ଲୁମ୍ବନାୟୀ, ଭୁଆସୁଣୀ ।

ଓଡ଼ିଶାର ଆଦିବାସୀମାନେ ମଧ୍ୟ ଗ୍ରାମେ ଗ୍ରାମେ ଶକ୍ତି ପୂଜା କରନ୍ତି । ସେମାନେ ଧରିତ୍ରୀ ମାତାକୁ ସର୍ବଶକ୍ତିର ଆଧାର ମନେକରି ଆରାଧନା କରନ୍ତି । କନ୍ଧମାନେ ଧରିତ୍ରୀକୁ 'ଗଡ଼ାପେନୁ' କହୁଥିବାବେଳେ ପରଜାମାନେ 'ଧରନୀ', ଡଙ୍ଗରିଆ କନ୍ଧମାନେ 'ଝାଙ୍କ୍ରୀ' ବା 'ତରିପେନୁ', କୁଟିଆ କନ୍ଧମାନେ ବାଂଗାପେନୁ ବୋଲି କହିଥାନ୍ତି ।

ଦୁର୍ଗାପୂଜାର ପରମ୍ପରା ଓଡ଼ିଶାରୁ ହିଁ ଉନ୍ମେଷ ହୋଇଛି । ଓଡ଼ିଆମାନଙ୍କର ନିଛକ ମୌଳିକ ଦେବୀପୂଜା ଓ ଆବାହନ କଳସ ମଧ୍ୟରେ । ଦୁର୍ଗାପୂଜା ଅବସରରେ ଖଣ୍ଡାୟତର ଖଣ୍ଡା, ନାପିତର କ୍ଷୁର, ନହୁରୁଣୀ, କରଣର ଲେଖନୀ, କମାର ବଢ଼ାଇଙ୍କର ଉପକରଣ ତଥା ଅନ୍ୟଜାତିମାନଙ୍କର କୌଳିକ ବୃତ୍ତି ଅନୁସାରେ ନିଜ ନିଜର ଉପକରଣଗୁଡ଼ିକୁ କଳସ ନିକଟରେ ସ୍ଥାପନ କରିଥାନ୍ତି । ବୃତ୍ତିଗତ ବ୍ୟବସାୟର ଉତ୍ତରୋତ୍ତର ଅଭିବୃଦ୍ଧି ପାଇଁ ଦେବୀଙ୍କ ନିକଟରେ କାମନା କରିଥାନ୍ତି । ଓଡ଼ିଆ ଶକ୍ତିପୂଜାରେ ଆବାହନ ଅଛି, ମାତ୍ର ବିସର୍ଜନ ନାହିଁ । ଓଡ଼ିଶାର ଦୁର୍ଗା ମୂର୍ତ୍ତି ଦାରୁ, ପଥର ଓ ଧାତୁ ନିର୍ମିତ, ମାତ୍ର ମୃଣ୍ମୟୀ ନୁହଁନ୍ତି । ବରଗଛ ତଳେ ଗୁଆ ସିନ୍ଦୂର ଚର୍ଚ୍ଚିତା ଦେବୀ ଆରାଧନା ଚିରନ୍ତନ ଓ ତାହା ମୌଳିକ ସଂସ୍କୃତିର ପରମ୍ପରା ।

ଓଡ଼ିଶାର ଦୁର୍ଗାମୂର୍ତ୍ତି ବେନିଭୁଜା, ଚତୁର୍ଭୁଜା, ଦଶଭୁଜା, ଓ ଷୋଡ଼ଶଭୁଜା ଥିବାସ୍ଥଳେ ଦ୍ୱାଦଶଭୁଜା ମଧ୍ୟ ଅଛନ୍ତି । ପ୍ରାଚୀ ନଦୀର ଉପତ୍ୟକାରେ ନିଆଳୀ ନିକଟସ୍ଥ ଆମଣାକୁଦଗଡ଼ଠାରେ ବହୁ ପ୍ରାଚୀନ କାଳରୁ ଦେବୀ ବାରଭୁଜା ପୂଜା ପାଉଛନ୍ତି । ଏହି ଦେବୀ ମୂର୍ତ୍ତିକୁ ଦେଖିଲେ ମନେହୁଏ ସତେ ଯେପରି ଦେବୀ ମହିଷାସୁର ସହିତ ଯୁଦ୍ଧ କରି ଅତ୍ୟନ୍ତ କ୍ରୋଧାନ୍ୱିତା ହୋଇ ଯାଇଛନ୍ତି । ଦେବୀଙ୍କ ବାରଭୁଜରେ ଯଥାକ୍ରମେ ଦକ୍ଷିଣ ହସ୍ତରେ ଶଙ୍ଖ, ତ୍ରିଶୂଳ, ଚକ୍ର, ବାଣ, ଶକ୍ତି ଓ ଅସୁର ବେକ ଏବଂ ବାମ ହସ୍ତରେ ଖେଟକ, ପୂର୍ଣ୍ଣଚାପ, ଧନୁ, ଦର୍ପଣ, ଘଣ୍ଟ ଓ ପାଶ ଶୋଭା ପାଉଅଛି । ସତେ ଯେପରି ଏବେ ମଧ୍ୟ ଦେବୀ ମହିଷାସୁରକୁ ବ୍ୟସ୍ତ ଭାବରେ ଅନୁସନ୍ଧାନ କରୁଛନ୍ତି ।

ଓଡ଼ିଶାର ଛତ୍ରେ ଛତ୍ରେ ଶକ୍ତି ପରମ୍ପରା ଆମେ ଅନୁଭବ କରୁ । ଓଡ଼ିଆ ଭାଷାର ଜଣେ ଅଜ୍ଞାତ କବି ଶକ୍ତି ଆରାଧନା କରିବାକୁ ଯାଇ ଗାଇଛନ୍ତି -

ଆଗେ ମୁଁ ବନ୍ଦଇ ଗ୍ରାମ ଦେବତୀଙ୍କୁ
ଦୁର୍ଗତି କର ଖଣ୍ଡନ ।
ପଦ୍ମାସନୀ ମୋର କଣ୍ଠେ ବିଜେ କର
ପଦ କରିବି ରଚନ ।।
ପୁରୀ କ୍ଷେତ୍ରେ ବିମଳାଇ ପଦେ ବନ୍ଦେ
ବାଣପୁରେ ଭଗବତୀ ।
ରଣପୁରେ ମଣିନାଗ ପାଦେ ବନ୍ଦେ
କଣ୍ଟେ ବନ୍ଦେ ସରସ୍ୱତୀ ।।
ସମ୍ବଲପୁରରେ ସମଲାଇ ବନ୍ଦେ ମୁଁ
ଖୁରୁଧାରେ ବରୁଣାଇ ।
ଯାଜପୁରେ ବିରଜାଇଙ୍କୁ ବନ୍ଦିଲି
ବାଙ୍କିଗଡ଼େ ଚର୍ଚ୍ଚିକାଇ ।।
କାକଟପୁରରେ ମଙ୍ଗଳା ବନ୍ଦିଲି
ଢେଙ୍କାନାଳେ କଳାପାଟ ।
ବଉଦ ଉମାଙ୍କ ଚରଣେ ଶରଣ
ଝଙ୍କଡ଼େ ସାରଳା ଶ୍ରେଷ୍ଠ । ।।
ପୂଜା ଅପୂଜା ଦେବଦେବୀ ସର୍ଭିଙ୍କୁ
ବନ୍ଦୁଅଛି ଯୋଡ଼ି କର ।
ଓଡ଼ିଶା ଭୂଇଁର ଯେତେ ଦେବଦେବୀ
ବନ୍ଦୁଅଛି ବାରମ୍ବାର ।।

ସଂପାଦକ
ପୁରାଣ ପତ୍ରିକା, ନିଆଳୀ
କଟକ-୭୫୪୦୦୪